ELECTION URGENT


# ରାଜ୍ୟ ନିର୍ବାଚନ ଆୟୋଗ ,ଓଡିଶା

**ତୋଶାଳୀ ଭବନ,ବି-୨ ,ପ୍ରଥମ ମହଲା,ସତ୍ୟ ନଗର,**

**<u>ଭୁବନେଶ୍ୱର-୭୫୧୦୦୭</u>**

E-mail ID – stateelectioncommission.odisha@gmail.com

Fax No. 0674-2573494


## ଆଦେଶ

ସଂଖ୍ୟା ୩୫୪୫ / ରା.ନି.ଆ ତା୦୫/11/21ରିଖ

ଯେହେତୁ ଭାରତୀୟ ସଂବିଧାନର ଧାରା 243-E ଆନୁଯାୟୀ ପଂଚାୟତି ରାଜ ଅନୁଷ୍ଠାନ ଗୁଡିକର ଅବଧି ପ୍ରଥମ ବୈଠକ ଠାରୁ ୫ ବର୍ଷ ଶେଷ ହେବା ପୂର୍ବରୁ ପୁର୍ନଗଠନ ହେବା ଆବଶ୍ୟକ । ପଂଚାୟତି ରାଜ ଅନୁଷ୍ଠାନ ଗୁଡିକର ପ୍ରଥମ ବୈଠକ ନିମ୍ନାନୁସାରେ ଅନୁଷ୍ଠିତ ହୋଇଥିଲା;

| | |
|---|---|
| ୧. ଗ୍ରାମ ପଂଚାୟତ | ୧୦.୦୩.୨୦୧୭ |
| ୨. ପଂଚାୟତ ସମିତି | ୧୧.୦୩.୨୦୧୭ |
| ୩. ଜିଲ୍ଲା ପରିଷଦ | ୧୨.୦୩.୨୦୧୭ |

ସୁତରାଂ ଉପରୋକ୍ତ ପଂଚାୟତି ରାଜ ଅନୁଷ୍ଠାନ ଗୁଡିକର ସାଧାରଣ ନିର୍ବାଚନ ତଥା ପୁନର୍ଗଠନ ଯଥାକ୍ରମେ ତା୧୦.୦୩.୨୨, ୧୧.୦୩.୨୨ ଓ ୧୨.୦୩.୨୨ରିଖ ପୂର୍ବରୁ ହେବା ଆବଶ୍ୟକ ;

ଯେହେତୁ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗ୍ରାମ ପଂଚାୟତର ପ୍ରଥମ ବୈଠକ ସାଧାରଣ ନିର୍ବାଚନ ପରେ ତା୧୪.୦୭.୨୦୧୯ରିଖରେ ଅନୁଷ୍ଠିତ ହୋଇଥିଲା ଏହାର ସାଧାରଣ ନିର୍ବାଚନ ତଥା ପୁନର୍ଗଠନ ଯଥାକ୍ରମେ ତା୧୪.୦୭.୨୪ରିଖ ପୂର୍ବରୁ ହେବା ଆବଶ୍ୟକ ;

ଯେହେତୁ, ନିୟମାନୁସାରେ ସମସ୍ତ ଜିଲ୍ଲାପାଳମାନେ ୱାର୍ଡ ମେମ୍ବର, ସରପଂଚ, ପଂଚାୟତ ସମିତି ମେମ୍ବର ଓ ଅଧକ୍ଷ ପଦବୀ ପାଇଁ ଓ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାର ଜିଲ୍ଲା ପରିଷଦ ସଭ୍ୟ ଓ ସମସ୍ତ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଆସନ ଆରକ୍ଷଣର ଚୂଡାନ୍ତ ତାଲିକା ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିଛନ୍ତି ;

ଯେହେତୁ, ସମସ୍ତ ଜିଲ୍ଲା (ବାଲେଶ୍ୱର ଜିଲ୍ଲା ବ୍ୟତୀତ) ଗୁଡିକର ସାଧାରଣ ନିର୍ବାଚନ ପାଇଁ ସମସ୍ତ ଗ୍ରାମ ପଂଚାୟତର ୱାର୍ଡୱାରୀ ଭୋଟର ତାଲିକା ଢିଙ୍କିଆ ଗ୍ରାମ ପଂଚାୟତର ୱାର୍ଡୱାରୀ ଭୋଟର ତାଲିକା ସମେତ ଓଡିଶା ଗ୍ରାମ ପଂଚାୟତ ନିୟମ ଅନୁଯାୟୀ ପ୍ରସ୍ତୁତ କରାଯିବ, ଯାହାକି ମଧ ସମିତି ଓ ପରିଷଦ ନିର୍ବାଚନ ମଣ୍ଡଳୀ ପାଇଁ ମଧ ଚୂଡାନ୍ତ ଭୋଟର ତାଲିକା ହେବ ;

ଭାରତୀୟ ସମ୍ବିଧାନର ଧାରା 243-K, ଓଡିଶା ଗ୍ରାମ ପଂଚାୟତ ଅଧିନିୟମ ୧୯୬୪, ଓଡିଶା ପଂଚାୟତ ସମିତି ଅଧିନିୟମ ୧୯୫୯ ଓ ଓଡିଶା ଜିଲ୍ଲା ପରିଷଦ ଅଧିନିୟମ ୧୯୯୧ ଏବଂ ତଦ୍ ସମ୍ବନ୍ଧୀୟ ନିୟମ ଗୁଡିକ ଦ୍ୱାରା ଅର୍ପିତ କ୍ଷମତା ବଳରେ ରାଜ୍ୟ ନିର୍ବାଚନ ଆୟୋଗ ଗ୍ରାମ ପଂଚାୟତର

ୱାର୍ଡୱାରୀ ପ୍ରାଥମିକ ଭୋଟ ତାଲିକା ସଂଲଗ୍ନ ଅନୁସୂଚୀ ନଂ-୧ରେ ଅନୁସୂଚୀ-୨ ଦ୍ୱାରା ଦର୍ଶାଯାଇଥିବା କ୍ରିୟାବିଧି ଅନୁସାରେ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି ;

ଯେହେତୁ, ଗ୍ରାମ ପଂଚାୟତର, ପଂଚାୟତ ସମିତି ଓ ଜିଲ୍ଲା ପରିଷଦର ନିର୍ବାଚନ ଏକ ସମୟରେ ହେଉଅଛି, ଗ୍ରାମ ପଂଚାୟତ ନିର୍ବାଚନ ନିୟମ ଅନୁଯାୟୀ ସଂଯୋଗ, ସଂଶୋଧନ ତଥା ପରିବର୍ତ୍ତନକୁ ବିଚାର କରି ଗ୍ରାମ ପଂଚାୟତ ପାଇଁ ପ୍ରସ୍ତୁତ ୱାର୍ଡୱାରୀ ଚୂଡାନ୍ତ ଭୋଟର ତାଲିକା ମଧ ସମିତି ଓ ପରିଷଦ ନିର୍ବାଚନ ମଣ୍ଡଳୀର ଚୂଡାନ୍ତ ଭୋଟର ତାଲିକା (ବାଲେଶ୍ୱର ଜିଲ୍ଲା ବ୍ୟତୀତ) ରୂପେ ପରିଗଣିତ ହେବ ;

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ତା୦୧.୧୧.୨୦୨୧ରିଖ ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ହୋଇଥିବା ଯୋଗ୍ୟ ବ୍ୟକ୍ତି ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଦ୍ୱାରା ନିର୍ଦ୍ଧାରିତ ଫାରମରେ ନିଜ ନାମ ଭୋଟର ତାଲିକାରେ ନିୟମାନୁସାରେ ଦରଜ କରିବା ନିମନ୍ତେ ଦାବୀ କରିପାରିବେ । କମିଶନ ପୁନର୍ବାର ନିର୍ଦ୍ଦେଶ ଦେଉଅଛନ୍ତି ଯେ ସମସ୍ତ ଯୋଗ୍ୟ ଭୋଟରମାନଙ୍କ ଦାବୀ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ କ୍ରିୟାବିଧି ଅନୁସାରେ ଫଇସଲା ହେବ ଏବଂ ନୂତନ ନାମ ଗୁଡିକ ଭୋଟର ତାଲିକାରେ ଏହି ଆଦେଶର ସଂଲଗ୍ନିତ ଫାରମ ନଂ-୧ A ରେ ଦରଜ ହେବ ।

ଭୋଟର ତାଲିକାର କାର୍ଯ୍ୟସୂଚୀ ଏହି ଆଦେଶର ଅନୁସୂଚୀ-୧ରେ ଦର୍ଶାଯାଇଅଛି ।

ଏହି ଆଦେଶ କମିଶନଙ୍କ ୱେବସାଇଟ୍ ରେ **www.sec.odisha.gov.in** ଉପଲବ୍ଧ ।

ରାଜ୍ୟ ନିର୍ବାଚନ କମିଶନଙ୍କ
ଆଦେଶାନୁସାରେ ଓ ନାମାନୁସାରେ
Sahu 4.XI.21
(ରବୀନ୍ଦ୍ର ନାଥ ସାହୁ)
ସଚିବ

ଜ୍ଞାପକ ସଂଖ୍ୟା ୩୪୫୫/ରା.ନି.ଆ. ତା 04/11/21 ରିଖ

ଏହାର ନକଲ ସଂଲଗ୍ନକ ସହିତ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ଓ ପ୍ରକାଶନ, ଓଡିଶା, କଟକଙ୍କୁ ପଠାଯାଇ ଅସାଧାରଣ ଓଡିଶା ଗେଜେଟ୍ ରେ ପ୍ରକାଶନ କରି ୫୦୦ କିତା ନକଲ ଯୋଗାଇଦେବାକୁ ଅନୁରୋଧ ।

Sahu 4.XI.21
ସଚିବ

ଜ୍ଞାପକ ସଂଖ୍ୟା ୩୪୫୬/ରା.ନି.ଆ. ତା 04/11/21 ରିଖ

ଏହାର ନକଲ ସଂଲଗ୍ନକ ସହିତ ମୁଖ୍ୟ ସଚିବ, ଓଡିଶା/ପ୍ରମୁଖ ସଚିବ, ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ/ସମସ୍ତ ରାଜସ୍ୱ ଆୟୋଗଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

Sahu 4.XI.21
ସଚିବ

ଜ୍ଞାପକ ସଂଖ୍ୟା 3487/ରା.ନି.ଆ. ତା 08/11/21 ରିଖ

ଏହାର ନକଲ ସଂଲଗ୍ନକ ସହିତ ସମସ୍ତ ଜିଲ୍ଲାପାଳ/ଉପ-ଜିଲ୍ଲାପାଳ/ଜିଲ୍ଲା ପଂଚାୟତ ଅଧିକାରୀ/ମଣ୍ଡଳ ଉନ୍ନୟନ ଅଧିକାରଙ୍କ (ବାଲେଶ୍ୱର ଜିଲ୍ଲା ବ୍ୟତୀତ) ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 8.XI.21

ଜ୍ଞାପକ ସଂଖ୍ୟା 3488/ରା.ନି.ଆ. ତା 08/11/21 ରିଖ

ଏହାର ନକଲ ସଂଲଗ୍ନକ ସହିତ ସମସ୍ତ ରାଜନୈତିକ ଦଳଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 8.XI.21

ଜ୍ଞାପକ ସଂଖ୍ୟା 3489/ରା.ନି.ଆ. ତା 08/11/21 ରିଖ

ଏହାର ନକଲ ସଂଲଗ୍ନକ ସହିତ ରାଜ୍ୟ ନିର୍ବାଚନ ଆୟୋଗଙ୍କ ବ୍ୟକ୍ତିଗତ ସଚିବ/ସମସ୍ତ ଅଧିକାରୀ ଓ ସମସ୍ତ ବିଭାଗଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସଚିବ 8.XI.21

ଜ୍ଞାପକ ସଂଖ୍ୟା 3490/ରା.ନି.ଆ. ତା 08/11/21 ରିଖ

ଏହାର ନକଲ ସଂଲଗ୍ନକ ସହିତ ରାଜ୍ୟ ନିର୍ବାଚନ କମିଶନଙ୍କ ୱେବସାଇଟ୍ ରେ ଅପ୍‌ଲୋଡ୍ ଓ ସମସ୍ତ ଜିଲ୍ଲା କୁ ଇ-ମେଲ ଯୋଗେ ପଠାଇବା ନିମନ୍ତେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କୁ ପ୍ରେରଣ କରାଗଲା ।

ସଚିବ 8.XI.21

ଅନୁସୂଚୀ-୧

## ପଂଚାୟତ ସାଧାରଣ ନିର୍ବାଚନ ୨୦୨୨ ପରିପେକ୍ଷୀରେ ଭୋଟର ତାଲିକା ପ୍ରସ୍ତୁତିକରଣର କାର୍ଯ୍ୟସୂଚୀ

| କ୍ର. ନଂ | ବିଷୟ | ତାରିଖ |
|---|---|---|
| ୧. | ବିଧାନସଭାର ଭୋଟର ତାଲିକାକୁ *ଧାରା ୯(୨) ଓ *ନିୟମ ୫(୧) ଅନୁଯାୟୀ ୱାର୍ଡୱାରୀ ବିଭକ୍ତି କରଣ (splitting) । | ୧୦.୧୧.୨୦୨୧ ଠାରୁ ୧୫.୧୧.୨୦୨୧ ପର୍ଯ୍ୟନ୍ତ |
| ୨. | ପ୍ରାଥମିକ ଭୋଟର ତାଲିକା ନିୟମ ୫(୩) ଅନୁଯାୟୀ ଗ୍ରାମ ପଂଚାୟତ ସଦର ମହକୁମାରେ ପ୍ରକାଶନ । | ୧୬.୧୧.୨୦୨୧ |
| ୩. | ଦାବି ଓ ଆପତ୍ତି ନିୟମ ୫(୫) ଅନୁଯାୟୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଦାଖଲ । | ୨୩.୧୧.୨୦୨୧ ପର୍ଯ୍ୟନ୍ତ |
| ୪. | ଦାବି ଓ ଆପତ୍ତି ଗୁଡିକର ନିୟମ ୭(୧)ଅନୁଯାୟୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ତଦନ୍ତ ଓ ଫଇସଲା । | ୨୪.୧୧.୨୦୨୧ ଠାରୁ ୨୬.୧୧.୨୦୨୧ ପର୍ଯ୍ୟନ୍ତ |
| ୫. | ଚିଠା ଭୋଟର ତାଲିକା ନିରିକ୍ଷଣ ଓ ଉପର-୪ ରେ ଦର୍ଶାଯାଇଥିବା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିଷ୍ପତ୍ତି ବିପକ୍ଷରେ, ଯଦିଥାଏ, ବି.ଡି.ଓ. ଙ୍କୁ ଦରଖାସ୍ତ ପ୍ରଦାନ । | ୨୯.୧୧.୨୦୨୧ ଠାରୁ ୩୦.୧୧.୨୦୨୧ ପର୍ଯ୍ୟନ୍ତ |
| ୬. | ବି.ଡି.ଓ. ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ନିୟମ ୭ (୨) ଅନୁଯାୟୀ ଦରଖାସ୍ତ ଫଇସଲା । | ୦୧.୧୨.୨୦୨୧ ଠାରୁ ୦୨.୧୨.୨୦୨୧ ପର୍ଯ୍ୟନ୍ତ |
| ୭. | ଚୂଡାନ୍ତ ଭୋଟର ତାଲିକା ନିୟମ ୮ (୧) ଅନୁଯାୟୀ ପ୍ରକାଶନ । | ୦୪.୧୨.୨୦୨୧ |
| ୮. | ଅଧିଗୃହିତ ଚୂଡାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରେରଣ । | ୦୬.୧୨.୨୦୨୧ |
| ୯. | ମୁଦ୍ରିତ ଚୂଡାନ୍ତ ଭୋଟର ତାଲିକା ରାଜ୍ୟ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ । | ୧୪.୧୨.୨୦୨୧ |

* ଉପରୋକ୍ତ ଅଧିନିୟମ ଓ ନିୟମ ଗୁଡିକ ଓଡିଶା ଗ୍ରାମ ପଂଚାୟତ ଅଧିନିୟମ, ୧୯୬୪ ଓ ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ ଅର୍ନ୍ତଭୁକ୍ତ ଅଟେ ।

ସଚିବ

**ଅନୁସୂଚୀ-୨**

## ଭୋଟର ତାଲିକା ପ୍ରସ୍ତୁତି ପାଇଁ କ୍ରିୟାବିଧି

୧. ଜିଲ୍ଲାପାଳ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଭାବେ ସଂପୃକ୍ତ ଗ୍ରାମ ପଂଚାୟତ, ପଂଚାୟତ ସମିତି ଓ ଜିଲ୍ଲା ପରିଷଦ ମଣ୍ଡଳୀର ଭୋଟର ତାଲିକା ପ୍ରସ୍ତୁତି ଓ ଚୂଡ଼ାନ୍ତ କାର୍ଯ୍ୟର ସାମୁହିକ ଭାବେ ଦାୟୀତ୍ୱ ତୁଲାଇବେ ।

୨. ସାଧାରଣତଃ ଜିଲ୍ଲାପାଳ, ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଭାବେ ତାଙ୍କ ପରିସରଭୁକ୍ତ ଗ୍ରାମ ପଂଚାୟତ ୱାର୍ଡ, ପଂଚାୟତ ସମିତି, ଜିଲ୍ଲା ପରିଷଦ ମଣ୍ଡଳୀପାଇଁ ପ୍ରାଧିକୃତ କରିଥାନ୍ତି । ସେ ମଧ୍ୟ ତହସିଲଦାରମାନଙ୍କୁ ସହାୟ (Standby) ଭାବେ ପ୍ରାଧିକୃତ କରିପାରନ୍ତି ।

୩. ନିର୍ବାଚନ କମିଶନ, ଭାରତଙ୍କ ଦ୍ୱାରା ଜାନୁୟାରୀ ୨୦୧୬ ରେ ପ୍ରସ୍ତୁତ ଓ ପ୍ରକାଶିତ ବିଧାନ ସଭାର ଭୋଟର ତାଲିକା ବର୍ତ୍ତମାନ ପ୍ରଚଳିତ, ୱାର୍ଡ ୱାରୀ ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଆଧାର ରୂପେ ଗ୍ରହଣ କରାଯିବ । ଏହି ଉଦ୍ଦେଶ୍ୟରେ ସଂପୃକ୍ତ ବିଧାନ ସଭା ଭୋଟର ତାଲିକାକୁ ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଅର୍ନ୍ତଗତ ନିୟମ ୫ (୧) ଅନୁଯାୟୀ ପ୍ରତ୍ୟେକ ୱାର୍ଡ ପାଇଁ ପୃଥକ ଭୋଟର ତାଲିକା କରାଯିବ । ପ୍ରାଥମିକ ଭୋଟର ତାଲିକା କମିଶନଙ୍କ ଦ୍ୱାରା ସ୍ଥିରିକୃତ ଫାରମ ନଂ ୧ ରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ମୋହର ଓ ସାକ୍ଷର ଥାଇ ପ୍ରସ୍ତୁତ ହେବ ।

ନିର୍ବାଚନ କମିଶନ, ଭାରତଙ୍କ ଦ୍ୱାରା ଜାନୁୟାରୀ ୨୦୨୧ ରେ ପ୍ରକାଶିତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ୱାରୀ ଭୋଟର ତାଲିକାର (Data base) C.D. ରେ Excel formatରେ ବିସ୍ତୃତ ନିର୍ଦ୍ଦେଶାବଳୀ ସହିତ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପତ୍ର ସଂଖ୍ୟା ୨୮୫୯ ତା୧୧.୧୦.୨୦୨୧ରିଖରେ ଜିଲ୍ଲାକୁ ପଠାଯାଇଛି । ଏଥିରୁ ପଂଚାୟତ ନିର୍ବାଚନ ପାଇଁ ୱାର୍ଡ ୱାରୀ ଭୋଟର ତାଲିକା ପ୍ରସ୍ତୁତ କରାଯିବ ।

୪. କୌଣସି ବ୍ୟକ୍ତି ଯେ କି ଲୋକ ପ୍ରତିନିଧି ଅଧିନିୟମ ୧୯୫୦ ଓ ଓଡିଶା ଗ୍ରାମ ପଂଚାୟତ ଅଧିନିୟମ ୧୯୬୪ ଅନୁସାରେ କୌଣସି ଗ୍ରାମ ପଂଚାୟତର ଭୋଟର ହିସାବରେ ତାଲିକାଭୁକ୍ତ ହେବା ପାଇଁ ଯୋଗ୍ୟ ଥିବେ, ସଂପୃକ୍ତ ୱାର୍ଡର ଭୋଟର ତାଲିକାରେ ତାଙ୍କର ନାମ ଦରଜ ହେବ ଓ ଯେଉଁ ବ୍ୟକ୍ତି ଉକ୍ତ ଅଧିନିୟମ ଅନୁସାରେ ଅଯୋଗ୍ୟ ଥିବେ ତାଙ୍କର ନାମ ସଂପୃକ୍ତ ଭୋଟର ତାଲିକାରୁ ବାଦ ଦିଆଯିବ ।

୫. ସମସ୍ତ ଯୋଗ୍ୟ ଭୋଟର ଓଡିଶା ଗ୍ରାମ ପଂଚାୟତ ନିୟମାବଳୀ ୧୯୬୫ ଦ୍ୱାରା ଉଦ୍ଦିଷ୍ଟ ଫାରମ ୧୬ ଅନୁସାରେ ସେମାନଙ୍କର ନାମ ଭୋଟର ତାଲିକାରେ ଦରଜ କରିପାରିବେ ଓ କୌଣସି ଦରଜ ପାଇଁ

Sd/- 8.11.21

ଆପତ୍ତି ଥିଲେ ନିୟମ ଅନୁସାରେ ଫାରମ ୧୭ରେ ଆବେଦନ କରିପାରିବେ । ପ୍ରତ୍ୟେକ କ୍ଷେତ୍ରରେ ଫାରମରେ ସଂଯୁକ୍ତ ରସିଦକୁ ଅଭିଯୋଗକାରୀ/ଆବେଦନକାରୀକୁ ଦିଆଯିବ ।

୬. ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଅର୍ନ୍ତଗତ ନିୟମ ୫ (୧) ଅନୁସାରେ ପ୍ରସ୍ତୁତ ପ୍ରାଥମିକ ଭୋଟର ତାଲିକା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତର ସଦର ମହକୁମାର ସମସ୍ତେ ଦେଖିପାରିଲା ଭଳି (conspicuous) ସ୍ଥାନରେ ନିୟମ ୫ (୩) ଅନୁଯାୟୀ ଫାରମ ୨ ରେ ନୋଟିସ ଦିଆଯିବ । ଉକ୍ତ ନୋଟିସ ମଧ୍ୟ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ସଂପୃକ୍ତ ପଂଚାୟତ ସମିତିର ବିଜ୍ଞପ୍ତି ଫଳକ (ନୋଟିସ ବୋର୍ଡ)ରେ ପ୍ରକାଶିତ ହେବ ।

୬.୧ ଦାବୀ ଓ ଆପତ୍ତି ଆହ୍ୱାନ କରାଯାଉଥିବା ଉଦ୍ଦିଷ୍ଟ ସମଗ୍ର ମିଆଦକାଳରେ ପ୍ରାଥମିକ ଭୋଟର ତାଲିକାର ନକଲକୁ ସର୍ବସାଧାରଣଙ୍କ ନିରୀକ୍ଷଣ ପାଇଁ ଗ୍ରାମ ପଂଚାୟତ ଅଫିସରେ ରଖାଯିବ ।

୭. ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ଅନୁସାରେ ଫାରମ ୧୬, ୧୭ ଦ୍ୱାରା ଗ୍ରହଣ କରିଥିବା ଦାବୀ ଓ ଆପତ୍ତି ଗୁଡିକ କେଉଁ ତାରିଖ, ସମୟ ଓ ସ୍ଥାନରେ ଫଇସଲା କରାଯିବ ତାହା ଅଧିସୂଚୀତ କରିବେ ।

୭.୧ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ସମସ୍ତ ଆପତ୍ତି ଓ ଅଭିଯୋଗ ଗୁଡିକ ସଂକ୍ଷିପ୍ତ ଭାବେ ତଦନ୍ତ କରିବେ ଓ ସମସ୍ତ ନିଷ୍ପତ୍ତି ଲିଖିତ ଭାବେ ରଖିବେ । ସାଧାରଣତଃ ଦାବୀ ଓ ଆପତ୍ତି ଗୁଡିକର ଫଇସଲା, ଦାବୀ ଓ ଆପତ୍ତି ଦାଖଲର ଶେଷ ତାରିଖ ପରେ ଆରମ୍ଭ ହେବ ।

୭.୨ ଯେତେବେଳେ ଗ୍ରହଣ କରାଯାଇଥିବା ଦାବୀ ଓ ଆପତ୍ତି ଗୁଡିକର ସଂଖ୍ୟା ଅଧିକ ହେବ, ସେ କ୍ଷେତ୍ରରେ ଦାବୀ ଓ ଆପତ୍ତି ଗ୍ରହଣ କରିବା ମିଆଦ କାଳରେ ମଧ୍ୟ ତାଙ୍କ ଅଧିନରେ ଥିବା ଅନ୍ୟ କର୍ମଚାରୀମାନଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ କାର୍ଯ୍ୟ ଆରମ୍ଭ କରିପାରିବେ ।

୭.୩ ସରକାରୀ କ୍ଷେତ୍ର କର୍ମଚାରୀ ଯାହାଙ୍କ ଅଧିନରେ ଉକ୍ତ ଅଞ୍ଚଳ ଅର୍ନ୍ତଭୁକ୍ତ ତାଙ୍କୁ ଉକ୍ତ କାର୍ଯ୍ୟରେ ସମ୍ପୃକ୍ତ କରାଯାଇପାରିବ ।

୭.୪ ଦାଖଲ କରାଯାଇଥିବା ଦାବୀ ଓ ଆପତ୍ତି ଗୁଡିକୁ ବିନା ଶୁଣାଣିରେ ସାଧାରଣ ତଦନ୍ତକୁ ଭିତ୍ତି କରି କୌଣସି ନିଷ୍ପତ୍ତି ନିଆଯିବ ନାହିଁ ।

୭.୫ ଶୁଣାଣି ପାଇଁ ସ୍ଥିରିକୃତ ତାରିଖରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତଦନ୍ତ ଓ ବ୍ୟକ୍ତି ବିଶେଷଙ୍କ ଶୁଣାଣିକୁ ଗ୍ରହଣ କରିବେ । ଶୁଣାଣିର ବିଷୟ ସଂକ୍ଷିପ୍ତ ଭାବେ ଲିପିବଦ୍ଧ ହେବ, ଯଦି ଦାବୀ/ଆପତ୍ତିକାରୀ ଶୁଣାଣିର ସ୍ଥିରିକୃତ ତାରିଖ ଓ ସମୟରେ ଅନୁପସ୍ଥିତ ରହନ୍ତି, ତେବେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ତାଙ୍କ ପାଖରେ ଥିବା ତଥ୍ୟ ଅନୁଯାୟୀ ଯଥାଯଥ ନିଷ୍ପତ୍ତି ନେବେ ଓ ଶୁଣାଣି ସମୟରେ ତାଙ୍କର ଅନୁପସ୍ଥିତ ବିଷୟ ଲିପିବଦ୍ଧ କରିବେ ।

୭.୬ ପ୍ରତ୍ୟେକ ଦାବୀ / ଆପତ୍ତିର ଚୂଡାନ୍ତ ନିଷ୍ପତ୍ତି ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଲିପିବଦ୍ଧ କରିବେ ।

୮. ଦାବୀ/ଆପତ୍ତି ଗୁଡିକର ଫଇସଲା ପରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ସେ ଗୁଡ଼ିକୁ ସଂକଳନ କରିବେ ଓ ପ୍ରାଥମିକ ଭୋଟର ତାଲିକାରେ ଆବଶ୍ୟକୀୟ ସଂଶୋଧନ କରିବେ । ଏହି ଚିଠା ଭୋଟର ତାଲିକା ନିରିକ୍ଷଣ ପାଇଁ କମିଶନ ଙ୍କ ଦାରା ସ୍ଥିରିକୃତ ତାରିଖ ମଧ୍ୟରେ ଗ୍ରାମ ପଂଚାୟତ, ପଂଚାୟତ ସମିତି ଅଫିସରେ ରଖାଯିବ ।

୯. କୌଣସି ବ୍ୟକ୍ତି ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅସନ୍ତୁଷ୍ଟ ହେଲେ ବ୍ଲକ ଉନ୍ନୟନ ଅଧିକାରୀ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କୁ ଅନିସୂଚୀ-୧ରେ ନିର୍ଦ୍ଧାରିତ ତାରିଖ ମଧରେ ଦରଖାସ୍ତ ଦେବେ । ଉକ୍ତ ଦରଖାସ୍ତ ବ୍ଲକ୍ ଅଫିସରେ ଗ୍ରହଣ କରାଯିବ ଓ ପ୍ରାପ୍ତି ସ୍ୱିକାର ପାଇଁ ରସିଦ ପ୍ରଦାନ କରାଯିବ । ଆବେଦନକାରୀଙ୍କ ନାମ, ପଂଚାୟାତର ନାମ, ୱାର୍ଡ ନଂ ଓ ଗ୍ରହଣ କରାଯାଇଥିବା ତାରିଖ କୁ ଲିପିବଦ୍ଧ କରିବା ନିମନ୍ତେ ଏକ ରେଜିଷ୍ଟର ବ୍ୟବହାର କରାଯିବ ।

୧୦. ବ୍ଲକ ଉନ୍ନୟନ ଅଧିକାରୀ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ ୧୯୬୫ର ନିୟମ ୭ (୨) ଅନୁଯାୟୀ ପୁନଃ ତଦନ୍ତ କରିବେ । ସେ ସଂପୃକ୍ତ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ କାଗଜ ପତ୍ର ଦେଖିବେ ଓ ଏହି ନିର୍ଦ୍ଦେଶାବଳୀର ୭ ଅନୁଛେଦ ଅନୁଯାୟୀ ଦରଖାସ୍ତ ଫଇସଲା କରିବେ । ଯୋଗ୍ୟ ନାମ ଗୁଡିକ ଫାରମ ନଂ 1-A ରେ ଲିପିବଦ୍ଧ କରିବା ପରେ ଚିଠା ଭୋଟର ଚୂଡାନ୍ତହେବ ।

୧୦.୧ ଭୋଟର ତାଲିକାରେ ଫାରମ 1-A ଥିବା ନାମ ଗୁଡିକ ଫାରମ 1 ରେ ଥିବା ନାମ ତଳେ ରହିବ ।

୧୧. ମତଦାନ କେନ୍ଦ୍ରର ନାମ ଭୋଟର ତାଲିକାରେ ସ୍ଥାନ ପାଇବ ।

୧୨. ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ ୧୯୬୫ ର ନିୟମ ୮ (୧) ଅନୁଯାୟୀ ପ୍ରତ୍ୟେକ ୱାର୍ଡର ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ।

୧୩. ରାଜ୍ୟ ନିର୍ବାଚନ କମିଶନଙ୍କ ପତ୍ର ସଂଖ୍ୟା ୨୧୩୪ ତା୨୬.୦୮.୨୦୨୧ରିଖର ପାଦଟିପ୍ପଣି ବ୍ୟତୀତ ସଂପୃକ୍ତ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ପ୍ରତ୍ୟେକ ୱାର୍ଡର ଭୋଟର ତାଲିକା ପରେ ନିମ୍ନ ଲିଖିତ ପ୍ରମାଣ ପତ୍ର ଦିଆଯିବ ।

"ପ୍ରମାଣନ କରାଯାଉଅଛି ଯେ -------- ଗ୍ରାମ ପଂଚାୟତ ---- ୱାର୍ଡର ଭୋଟର ତାଲିକା ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ,୧୯୬୫ ଅନୁସାରେ ପ୍ରକାଶିତ ।"

୧୪. ଚୁଡାନ୍ତ ଭୋଟର ତାଲିକାର ଗ୍ରାମ ପଂଚାୟତ ୱାରୀ ଦୁଇଟି ବନ୍ଧେଇସହ ନକଲ ଅନୁ ପ୍ରମାଣିତ ହୋଇ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଅଫିସରେ ରହିବ ଓ ଗୋଟିଏ ନକଲ ଧାର୍ଯ୍ୟ ତାରିଖ ମଧ୍ୟରେ କମିଶନଙ୍କ ପାଖକୁ ପଠାଯିବ ।

୧୫. ଭୋଟର ତାଲିକା ଉଭୟ ହାର୍ଡ କପି ଓ ସଫ୍ଟ କପି (Hard copy & Soft copy) ପ୍ରସ୍ତୁତ କରାଯିବ । ଭୋଟର ତାଲିକାର ସଫ୍ଟ କପି ବ୍ଲକ- ୱାରୀ ସି.ଡି. ରେ ପ୍ରସ୍ତୁତ ହେବ ।

୧୬. ଗ୍ରାମ ପଂଚାୟତ ୱାରୀ ଭୋଟର ତାଲିକା ମୁଦ୍ରଣ ପରେ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ଦ୍ୱାରା ପ୍ରତ୍ୟେକ ପୃଷ୍ଠାରେ ଅନୁପ୍ରମାଣିତ (Authenticated) ହୋଇ ଗୋଟିଏ ଲେଖାଏଁ ହାର୍ଡ କପି ଓ ସଫ୍ଟ କପି (Hard copy & Soft copy) ଧାର୍ଯ୍ୟ ତାରିଖ ମଧ୍ୟରେ ସ୍ୱତନ୍ତ୍ର ପତ୍ର ବାହକ ଦ୍ୱାରା କମିଶନଙ୍କ ପାଖରେ ଦାଖଲ କରିବେ ।

୧୭. ପ୍ରତ୍ୟେକ ଜାତୀୟ ଓ ରାଜ୍ୟସ୍ତରୀୟ (ଓଡିଶା) ଦଳଙ୍କୁ ଗୋଟିଏ ଲେଖାଏଁ ନକଲ ବିନା ମୂଲ୍ୟରେ ପ୍ରଦାନ କରାଯିବ ।

ସଚିବ

# ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପାଇଁ ବିଜ୍ଞପ୍ତି

(ରାଜ୍ୟ ନିର୍ବାଚନ କମିଶନ, ଓଡିଶାଙ୍କ ଦ୍ୱାରା ବିହିତ)

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଅଧିସୂଚୀତ ହେଉଅଛି ଯେ ଓଡିଶା ଗ୍ରାମ ପଂଚାୟତ ନିର୍ବାଚନ ନିୟମାବଳୀ, ୧୯୬୫ ଅର୍ନ୍ତଗତ ନିୟମ ୭ (୪) ଅନୁଯାୟୀ ଓ ୦୧.୧୧.୨୦୨୧କୁ ଯୋଗ୍ୟ ତାରିଖକୁ ଗ୍ରହଣ କରି ପ୍ରସ୍ତୁତ ସଂଲଗ୍ନିତ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଅଛି ଏବଂ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିରିକ୍ଷଣ ପାଇଁ ଉପଲବ୍ଧ ଅଟେ ।

ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର

ସ୍ଥାନ -

ତାରିଖ –

------ ଗ୍ରାମ ପଂଚାୟତର ସମସ୍ତ ଓ୍ୱାର୍ଡର ଭୋଟର ତାଲିକା ବିଜ୍ଞପ୍ତିର ନକଲ ସହିତ ନିମ୍ନ ସାକ୍ଷରକାରୀଙ୍କ କାର୍ଯ୍ୟାଳୟର ବିଜ୍ଞପ୍ତି ଫଳକ/ସଂପୃକ୍ତ ଗ୍ରାମ ପଂଚାୟାତକୁ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର